## ବାର୍‌ହା ଉପଦ୍ରବ ଯୋଗୁ ଫସଲ ନଷ୍ଟ

ହିଞ୍ଜିଳିକାଟୁ,(ଡି.ଏନ୍.ଏ): ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡା ଓ ହିଞ୍ଜିଳି ରାଜସ୍ୱ ଗ୍ରାମରେ ଗତ କିଛି ଦିନ ଧରି ବାର୍‌ହା ଉପଦ୍ରବ ଯୋଗୁ ବହୁ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ବାର୍‌ହାପଲ ଧାନ ଫସଲ ସହ ପରିବା ବାଡ଼ରେ ପଶି ବ୍ୟାପକ ନଷ୍ଟ କରୁଛନ୍ତି। ଶନିବାର ଭୋରରେ ଆଙ୍କୋରଡା ଅଞ୍ଚଳରେ ପ୍ରାୟ ୫ ଏକର ଜମିର ଫସଲ ବାର୍‌ହା ପଲ ନଷ୍ଟ କରିଥିବା ପୂର୍ବତନ କାଉନସିଲର ଯୁଧିଷ୍ଠିର ସ୍ୱାଇଁ, ଯୋଗୀ ବେହେରା ପ୍ରମୁଖ କହିଛନ୍ତି। ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ଓକିଲଙ୍କ କାର୍ଯ୍ୟବନ୍ଦ ନିଷ୍ପତ୍ତି

ଆସିକା,୨୯।୧୦(ଡି.ଏନ.ଏ.)-ଆସିକା ଓକିଲ ସଂଘ ପକ୍ଷରୁ ଓକିଲମାନେ ସୋମବାର କାର୍ଯ୍ୟବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସଂଘର ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା ବେଳେ ଏ ସମ୍ପର୍କରେ ସଂଘ ପକ୍ଷରୁ ବିଚାର ବିଭାଗୀୟ ଅଧିକାରୀ ଓ ଗଣମାଧମକୁ ସୂଚନା ଦିଆଯାଇଛି। ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ଋଷିକୂଲ୍ୟା ଜିଲା ପ୍ରତିଷ୍ଠା ସହ ଆସିକାରେ ସଦର ମହକୁମା ସ୍ଥାପନ, ଆସିକା ରାଜସ୍ୱ ସବଡିଭିଜନ ପ୍ରତିଷ୍ଠା, ଆସିକାକୁ ମ୍ୟୁନିସିପାଲଟି ଏବଂ ଆସିକାରେ ଚାଲିଥିବା ବନ୍ଦୋବସ୍ତ ବ୍ୟବସ୍ଥାକୁ ନିର୍ଦ୍ଧାରିତ ସମୟ ମଧରେ ସାରିବା ଦାବିରେ ଓକିଲମାନେ କାର୍ଯ୍ୟବନ୍ଦ ନିଷ୍ପତ୍ତି ନେଇଛନ୍ତି।

### ବିଇଓଙ୍କ ବିଦ୍ୟାଳୟ ପରିଦର୍ଶନ

ଶେରଗଡ,୨୯।୧୦(ଡି.ଏନ.ଏ.)-ଶେରଗଡ଼ ବିଇଓ ଭାବେ ନୂତନ ଭାବେ ଯୋଗ ଦେଇଥିବା ପ୍ରମୋଦ ଚନ୍ଦ୍ର ସେନାପତି ଶନିବାର ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟ ଆରମ୍ଭ କରିଥିଲେ। ଶନିବାର ଶେରଗଡର ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଯାଇ ସମସ୍ତ ଶ୍ରେଣୀ ବୁଲି ଦେଖିଥିଲେ। ପରେ ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଶିକ୍ଷକ ବାଳକୃଷ୍ଣ ପାତ୍ରଙ୍କୁ ଭୂଗୋଳ ବିଷୟ ପଢ଼ାଉ ଥିବାର ଦେଖୀ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

### ତାମିଲନାଡୁରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର, ୨୯।୧୦(ଡି.ଏନ.ଏ.)-ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାତ୍ରପୁର ବ୍ଲକ ମୁଣ୍ଡେଇସିଙ୍ଗି ଗ୍ରାମର ପର୍ଶୁରାମ ଭୁୟାଁ (୩୦)। ପର୍ଶୁରାମ ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ରାତିରେ ନିତ୍ୟକର୍ମ ସାରି ପର୍ଶୁରାମ ଶୋଇବାକୁ ଯାଇଥିଲେ କିନ୍ତୁ ଶନିବାର ସକାଳୁ ସେ ଉଠି ନଥିଲେ । ଖବର ପାଇପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସମର୍ଥ ବିଦ୍ୟାଳୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ
### ସ୍ଥଗିତାଦେଶ ଜାରି କଲେ ହାଇକୋର୍ଟ

ଛତ୍ରପୁର,୨୯।୧୦(ଡି.ଏନ.ଏ.)- ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ସମର୍ଥ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ ଉପରେ ସରକାର ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ନେଇ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ସମର୍ଥ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ ସମ୍ପାଦକ କେ.ଆନନ୍ଦ ରାଓଙ୍କ ବିରୋଧରେ ଅର୍ଥ ଆତ୍ମସାତ ଓ ନିର୍ଯାତନା ଅଭିଯୋଗ ହୋଇଥିଲା। ପରେ ଏହାର ତଦନ୍ତ କରି ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଥିଲା । ଏହି ରିପୋର୍ଟକୁ ଆଧାରକରି ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୧୩ ତାରିଖରେ ସମର୍ଥ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ଅନ୍ୟ କୌଣସି ସ୍ୱେଚ୍ଛାସେବୀ ସଙ୍ଗଠନକୁ ଦେବା ପାଇଁ ଗଞ୍ଜାମ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲା ପ୍ରଶାସନ ୧୫ ତାରିଖରେ ସମର୍ଥ ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନକୁ ହସ୍ତାନ୍ତର କରିବାକୁ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଅନୁଷ୍ଠାନ ସମ୍ପାଦକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ଶୁଣାଣି କରି ୨୮ ତାରିଖରେ ସରକାର ଓ ପ୍ରଶାସନର ଉକ୍ତ ନିର୍ଦ୍ଦେଶନାମା ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି ।

# ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି

ଛତ୍ରପୁର,୨୯।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଅତିଥି ଭାବ ଯୋଗ ଦେଇ କହିଥିଲେ, ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା ବିଭିନ୍ନ ବିପତ୍ତି ଆସୁଛି। ଏହି ସମୟରେ ଗୋଷ୍ଠୀଗୁଡିକୁ ସାମିଲ କରି ବିପର୍ଯ୍ୟୟର ମୁକାବିଲା ଯୋଜନା ପ୍ରସ୍ତୁତ କଲେ ବିପତ୍ତିରୁ ମୁକାବିଲା କରିବା ସମ୍ଭବ ହେବ। ଲୋକଙ୍କ ଜୀବନ ସୁରକ୍ଷା ଦିଗରେ ସଚେତନତା ହିଁ ମୁଖ୍ୟ ମାଧ୍ୟମ ହୋଇଛି। ବିପତ୍ତି ଆସିବା ପୂର୍ବରୁ ଜନ ଜୀବନକୁ ସୁରକ୍ଷା ନିମନ୍ତେ ଆବଶ୍ୟକ ହେଉଥିବା ସାମଗ୍ରୀ ଗଚ୍ଛିତ ରଖିବା ସହିତ ପୂର୍ବରୁ ସଜାଗ ରହିଲେ ତାହାକୁ ମୁକାବିଲା କରିବା ସହଜ ହୋଇପାରିବ।

ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରିୟ ରଞ୍ଜନ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତି ଗ୍ରାମରେ ଭିତ୍ତିଭୂମି ରହିବା ଆବଶ୍ୟକ। ପ୍ରାରମ୍ଭିକ ସୂଚନା ପ୍ରଦାନ କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜିଲାରେ ଗ୍ରହଣ କରାଯାଇଥିବା ବିଭିନ୍ନ



ମକ୍ ଡ୍ରିଲ

କାର୍ଯ୍ୟପନ୍ଥା ସମ୍ପର୍କରେ ସେ ଅବଗତ କରାଇଥିଲେ। ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ପଣ୍ଡା, ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ନିଜକୁ ପ୍ରସ୍ତୁତ ରଖିବେ ସେ ସମ୍ପର୍କରେ ଜଣାଇଥିଲେ। ଅନସ୍ଲୋ ବିଦ୍ୟାଳୟ ଖେଳ ପଡିଆଠାରୁ ସଚେତନତା ସମ୍ପର୍କିତ ଏକ ଶୋଭାଯାତ୍ରା ବାହାରି ଛତ୍ରପୁର ସହର ପରିକ୍ରମା କରିଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାସକାଠିଆ ପରିବେଷଣ ପୂର୍ବକ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଓସ୍‌ଡମା, ଓଏସ୍‌ଏପି, ଅଷ୍ଟମ ବାଟାଲିୟନ ଛତ୍ରପୁର ଓଡ୍ରାଫ ଟିମ୍ ଦ୍ୱାରା ମକ୍ ଡ୍ରିଲ ପ୍ରଦର୍ଶନ ପୂର୍ବକ କିଭଳି ବିପତ୍ତି ଆପଦ ସମୟରେ ଲୋକଙ୍କ ଜନଜୀବନ ସୁରକ୍ଷା ହୋଇପାରିବ ତା'ର ପୂର୍ବପ୍ରସ୍ତୁତି ଅଭ୍ୟାସ ପ୍ରଦର୍ଶନ ହୋଇଥିଲା। ବିପତ୍ତି ସମୟରେ କେଉଁ ସବୁ ଯନ୍ତ୍ରପାତି, ସରଞ୍ଜାମ ଦ୍ୱାରା ଲୋକଙ୍କୁ ଉଦ୍ଧାର ଓ ସୁରକ୍ଷା କାର୍ଯ୍ୟରେ ବିନିଯୋଗ ହେଉଛି ତାହା ମଧ ପ୍ରଦର୍ଶିତ ହୋଇଥିଲା। ଏସ୍‌ଆଇ, ଆର୍ମସ ପ୍ରସନ୍ନ କୁମାର ସୁବୁଦ୍ଧି ଏବଂ ସେମାନଙ୍କ ସାଥୀ ଦୁଃସାହସିକ ପ୍ରସ୍ତୁତି ପ୍ରଦର୍ଶନ କରିଥିଲେ। ଅଗ୍ନିଶମ ବିଭାଗ ଦ୍ୱାରା ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠୀର ଭୂମିକା ବିଷୟବସ୍ତୁକୁ ନେଇ ପ୍ରବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ଅର୍ପିତା ଚୌଧୁରୀ, ଭିଭି ଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ସୌମ୍ୟ ରଞ୍ଜନ ପଣ୍ଡା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆସ୍କା ଦ୍ୱିତୀୟ ଓ ଶୋଭନା ସ୍ୱାଇଁ କୃଷକ ନୋଡାଲ ଉଚ୍ଚ ବିଦ୍ୟାଳୟ, ହୁଗୁଳାପଟା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

ବକ୍ତୃତା ପ୍ରତିଯୋଗିତାରେ ଜିନା ଗୌଡ, ଆର୍.ଡି. ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମନାଭପୁର ପ୍ରଥମ, ସ୍ୱନ୍ଦନ କୁମାର ତ୍ରିପାଠୀ ସରକାରୀ ଉଚ୍ଚ ବିଦ୍ୟାଳୟ ମେଡିକାଲ କ୍ୟାମ୍ପସ୍ ବ୍ରହ୍ମପୁର ଦ୍ୱିତୀୟ ସ୍ଥାନ ଓ ଅଙ୍କିତା ଗୌଡ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର-୨ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ସସ୍ମିତା ମହାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ କଞ୍ଚୁରୁ ପ୍ରଥମ ସ୍ଥାନ, ଶୁଭମ୍ ତ୍ରିପାଠୀ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ଲାଞ୍ଜିପଲ୍ଲୀ ଦ୍ୱିତୀୟ ସ୍ଥାନ ଓ ମୁକେଶ ସାହୁ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଛତ୍ରପୁର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରି ଚରଣ ମିଶ୍ର ମଞ୍ଚାସୀନ ଥିଲା ବେଳେ ଜିଲା ପରିଯୋଜନା ଅଧିକାରୀ ଅବନୀକାନ୍ତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ମି ପବ୍ଲିକ ସ୍କୁଲସ୍ତରୀୟ ଟପ୍ପରରେ ରଜତଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୨୯।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପାଇଁ ଆଉ ଏକ ଗୌରବ ଓ ସୁନାମ ଆଣିଛନ୍ତି, ଜଣେ ଆର୍ମି ଛାତ୍ର। ଗୋପାଳପୁର ଗୋଳାବନ୍ଧ ମିଲିଟାରୀ ଷ୍ଟେଶନ ଆର୍ମି ପବ୍ଲିକ୍ ସ୍କୁଲରେ ଅଧ୍ୟୟନରତ ଛାତ୍ର ରଜତ କୁମାର ପାଢ଼ୀ ଯୁକ୍ତ୨ରେ ୯୮.୮ପ୍ରତିଶତ ନମ୍ବର ରଖି ଭାରତର ସର୍ବମୋଟ ୭ଟି ଆର୍ମି ପବ୍ଲିକ ସ୍କୁଲସ୍ତରରୁ ଟପ୍ପର ହୋଇଛନ୍ତି। ଏନେଇ ଗୋଳାବନ୍ଧ ଆର୍ମି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ସମାରୋହରେ ଅଧ୍ୟକ୍ଷ ପ୍ରଦୀପ କୁମାର, କମାଣ୍ଡାଣ୍ଟ ମନୀଷ ଆନନ୍ଦ ଭାବେଙ୍କ ସମେତ ଶିକ୍ଷାୟତନ ପରିସରରେ ସମବେତ ବହୁ ଆର୍ମି ଅଧିକାରୀଙ୍କ ଗହଣରେ ମାନପତ୍ର ସହ ୩୦ହଜାର ଟଙ୍କା ମୂଲ୍ୟର ଏକ ଟାବ୍‌ଲେଟ ଉପହାର ଦେଇ ରଜତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

ରଜତ ଆଇଆରଇ(ଇଣ୍ଡିଆ)ଲିଃ ଅଧୀନ ଅଟୋମିକ ଏନର୍ଜି-ସେଣ୍ଟ୍ରାଲ ସ୍କୁଲରେ ଦଶମଶ୍ରେଣୀ ପର୍ଯ୍ୟନ୍ତ ପଢୁଥିଲେ। ପରେ ସେଠାରୁ ଗୋଳାବନ୍ଧ ଆର୍ମି ପବ୍ଲିକ ସ୍କୁଲରେ ଆଡ୍‌ମିଶନ ହୋଇଛନ୍ତି। ଛତ୍ରପୁରସ୍ଥ ଶଙ୍କର ମଠସାହିର ଲକ୍ଷ୍ମୀ ନାରାୟଣ ପାଢ଼ୀ ଓ ପଦ୍ମାବତୀ ପାଢ଼ୀଙ୍କ ସେ ପୁତ୍ର।



ରଜତଙ୍କୁ ସମ୍ମାନିତ କରାଯାଉଛି।

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା , ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଫୁଲବାଣୀ ଅଫିସ, ୨୯।୧୦

ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବା ମାମଲାର ବିଚାର କରି ଶନିବାର ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ତାଙ୍କୁ ୨ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅନାଦେୟ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ସରକାରଙ୍କ ନିୟମ ଅନୁସାରେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ କୋଟଗଡ ଥାନା ଅଞ୍ଚଳର ଗଗନ ପ୍ରଧାନ। ୨୦୧୮ ସେପ୍ଟେମ୍ବର ୨୨ରେ ଏହି ଥାନା ଅଞ୍ଚଳର ତୃତୀୟ ଶ୍ରେଣୀରେ ପଢୁଥିବା ନାବାଳିକା ଅପରାହ୍ନରେ ପଡ଼ିଆକୁ ଝାଡ଼ା ଯାଇଥିଲେ। ଫେରିବା ବେଳେ ଗଗନ ତାଙ୍କୁ ଅପହରଣ କରି ପାଖରେ ଥିବା ହାତକଟାଜମି ନିକଟସ୍ଥ ଭାଲିଆତୋଟାକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଯନ୍ତ୍ରଣାରେ ଚିତ୍କାର କରିବାରୁ ଗଗନ ତାଙ୍କ ବେକକୁ ଚିପି ହତ୍ୟା କରି ଫୋପାଡି ଦେଇ ଚାଲି ଆସିଥିଲେ। ବହୁ ସମୟ ଧରି ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ ଝିଅର ପତା ନ ପାଇବାରୁ ପିତା କୋଟଗଡ଼ ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ । ଥାନାଧିକାରୀ ନଂ. ୪୩/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ନାବାଳିକାଙ୍କ ପିତା ଓ ଗ୍ରାମବାସୀ ପୁଣି ଖୋଜା ଖୋଜି କରି ଭାଲିଆତୋଟାରେ ପହଞ୍ଚିଥିଲେ। ସେଠାରେ ଗଗନ କାଦୁଅ ପାଣି ଲାଗି ଆସୁଥିବା ଦେଖି ପଚରା ଉଚରା କରିଥିଲେ। ଟ୍ରାକ୍ଟର ଖରାପ ହେବାରୁ ସେପଟୁ ଆସୁଛି କହି ଗଗନ ତର ତର ହୋଇ ପଳାଇଥିଲେ। ଆଗକୁ ଯାଇ ଖୋଜିବାରୁ ନାବାଳିକାଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ସନ୍ଧ୍ୟା ହୋଇଥିବାରୁ ଗ୍ରାମବାସୀ ଏବଂ ପୋଲିସ ମୃତଦେହକୁ ସକାଳ ଯାଏ ଜଗି ରହିଥିଲେ। ସକାଳେ ସାଇଣ୍ଟିଫିକ୍ ଟିମ୍, ମାଜିଷ୍ଟ୍ରେଟ୍ ପହଞ୍ଚିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗଗନଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ମୋଟ ୨୧ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଏବଂ ସାଇଣ୍ଟିଫିକ୍ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଉଦଘାଟନ

ଆସିକା,୨୯।୧୦(ଡି.ଏନ.ଏ.)

ଆସିକାସ୍ଥିତ ନିରନ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛାତ୍ରୀଛାତ୍ରଙ୍କ ଲାଗି ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଶନିବାର ଆସିକା ଏମ୍‌ପି ପ୍ରମିଳା ବିଷୋୟୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏମ୍‌ପିଙ୍କ ହାତପାଣ୍ଠିରୁ ଏହି ବ୍ୟବସ୍ଥା କରାଯାଇଛି । କାର୍ଯ୍ୟକ୍ରମରେ ଆସିକା ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, କାଉନସିଲର ପ୍ରଦୀପ ଗୌଡ, ଭାସ୍କର ବେହେରାଙ୍କ ସମେତ ମହିଳା ମହାବିଦ୍ୟାଳୟର ଅଧକ୍ଷ ଗଣେଶ୍ୱର ମାଝି ଓ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ପାନୀୟ ଜଳ ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ କଲେ ଠିକାଦାର

ଭଞ୍ଜନଗର,୨୯।୧୦(ଡି.ଏନ.ଏ)

**ଧରିତ୍ରୀ ପ୍ରଭାବ**

ଭଞ୍ଜନଗର ଉପଖଣ୍ଡରେ ଅନେକ ସୋଲାର ପାନୀୟ ଜଳ ପ୍ରକଳ୍ପ ହୋଇଛି। ଏହାଦ୍ୱାରା ଲୋକଙ୍କୁ ସୁବିଧାରେ ପାଣି ମିଳିପାରୁଛି । କିନ୍ତୁ ପ୍ରକଳ୍ପ ତଦାରଖ ଅଭାବ ଯୋଗୁ ଅନେକ ସୋଲାର ପାନୀୟ ଜଳ ପ୍ରକଳ୍ପର ପାଣି ଅପଚୟ ହେଉଛି। ଟାଙ୍କିରେ ପାଣି ଭର୍ତ୍ତି ହେଲେ ସେନସର ମାଧ୍ୟମରେ ଆପେଆପେ ସୁଇଚ୍ ବନ୍ଦ ହେବା କଥା। କିନ୍ତୁ ସେନସର ଗୁଡ଼ିକ ଠିକ୍ ଭାବେ କାମ ଦେଉନାହିଁ। ଏହିଭଳି ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତ ବିଚ୍ଛୁଆତିରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପର ସେନସର ବହୁଦିନ ହେବ ଅଚଳ ହୋଇପଡ଼ିଥିବା ଯୋଗୁ ପାଣି ନଷ୍ଟ ହେଉଛି। ଏ ନେଇ ଧରିତ୍ରୀରେ ଏକ ଖବର ବୁଧବାର ମଧୁର ଜଳ ଅପଚୟ ବଢୁଛି ଶିର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା। ଶନିବାର ସନ୍ଧ୍ୟାରେ କାମ କରିଥିବା ଠିକାଦାର ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଫେରିଛନ୍ତି । ସୁଚନାଯୋଗ୍ୟ, ସୋଲାର ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଠିକାଦାରମାନେ ୫ବର୍ଷ ଯାଏ ସାମାନ୍ୟ ମରାମତି କରିବା ବ୍ୟବସ୍ଥା ଅଛି । ଉକ୍ତ ପ୍ରକଳ୍ପଟି ଦୁଇବର୍ଷ ତଳେ ନିର୍ମିତ ହୋଇଥିଲା। ତେଣୁ ଗ୍ରାମ୍ୟ ପାଇପ ଜଳ ଯୋଗାଣ ଯନ୍ତ୍ରୀ ଅଶ୍ୱିନୀ କୁମାର ମଲ୍ଲଙ୍କ ନିର୍ଦ୍ଦେଶକ୍ରମେ ଠିକାଦାର ଘଟଣାସ୍ଥଳକୁ ଯାଇ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଏହାପରେ ପ୍ରକଳ୍ପର ମରାମତି କରାଯିବ।

### ଟିବି ମୁକ୍ତ ବେଲଗୁଣ୍ଠା ବ୍ଲକ ଲକ୍ଷ୍ୟ
## ୧୮ ରୋଗୀଙ୍କ ଖର୍ଚ୍ଚ ବୁଝିବେ ୧୮ ବିଶିଷ୍ଟ ବ୍ୟକ୍ତି

ଭଞ୍ଜନଗର, ୨୯।୧୦(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ମାଧ୍ୟମରେ ବେଲଗୁଣ୍ଠା ବ୍ଲକକୁ ଟିବି ରୋଗ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ବ୍ଲକର ବିଭିନ୍ନ ଗ୍ରାମରେ ୯୨ ଜଣ ଯକ୍ଷ୍ମା ( ଟିବି) ରୋଗୀ ଅଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି। କିନ୍ତୁ ସେଥିମଧ୍ୟରେ ଅଧିକାଂଶ ଗରିବ ରୋଗୀ ଅଛନ୍ତି। ଔଷଧ ସରକାରଙ୍କ ପକ୍ଷରୁ ମାଗଣା ମିଳିଥିଲେ ମଧ ଅନେକଙ୍କ ଆର୍ଥିକ ସ୍ଥିତି ଭଲ ନଥିବା ଯୋଗୁ ସେମାନେ ପୃଷ୍ଟିସାର ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ରୋଗ ଭଲ ହେବାରେ ବିଳମ୍ୱ ହେଉଛି। ଏହିଭଳି ଗରିବ ରୋଗୀଙ୍କୁ ଚିହ୍ନଟକରୀ ସେମାନଙ୍କ ପାଖରେ ରୋଗ ଭଲ ହେବା ପର୍ଯ୍ୟନ୍ତ ମାଗଣାରେ ଖାଦ୍ୟ ଓ ରାଶନ ସମାଗ୍ରୀ ପହଞ୍ଚାଇ ଦେବାକୁ ବ୍ଲକର ଅନେକ ବିଶିଷ୍ଟ ବ୍ୟକ୍ତି ନିଷ୍ପତ୍ତି ନେଇଛନ୍ତି। ଶନିବାର ବେଲଗୁଣ୍ଠା ମେଡିକାଲ ପରିସରରେ ରୋଟାରୀ କ୍ଲବ ଏବଂ ମେଡିକାଲ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଏକ ବୈଠକରେ ପ୍ରଥମ ପର୍ଯ୍ୟାୟରେ ୧୮ ଜଣ ଗରିବ ରୋଗୀଙ୍କୁ ଏହି ସେବା ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଭଞ୍ଜନଗର ରୋଟାରୀ କ୍ଲବ ସଭାପତି ମଧୁସୂଦନ ମହାପାତ୍ର, ରୋଟାରିଆନ ରବୀନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ଜୋଛନା ଶତପଥୀ, ମଞ୍ଜରୀ ବିଶ୍ୱାସ,ସବିତା ବେହେରା, ବବିତା ପତି, ଦୀପ୍ତିମୟି ସାହୁଙ୍କ ଭଳି ୧୮ ଜଣ ବିଶିଷ୍ଟ ବ୍ୟକ୍ତି ଉକ୍ତ ୧୮ ରୋଗୀ ଭଲ ହେବା ପର୍ଯ୍ୟନ୍ତ ସେମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ଆଗାମୀ ଦିନରେ ବଳକା ଗରିବ ରୋଗୀଙ୍କୁ ଚିହ୍ନଟକରୀ ସେମାନଙ୍କ ପାଖରେ ମଧ ଏହିଭଳି ସୁବିଧା ପହଞ୍ଚାଇଦିଆଯିବ। ଏହି ଅବସରରେ ବେଲଗୁଣ୍ଠା ବିଡିଓ ରୋଶନ କୁମାର ଶତପଥୀ, ମେଡିକାଲ ଅଫିସର ବାଲୁଙ୍କେଶର ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଦାରିଙ୍ଗବାଡ଼ି ବ୍ଲକକୁ ମିଳିଲା ମାନପତ୍ର, ସମ୍ମାନ

ଦାରିଙ୍ଗବାଡ଼ି,୨୯।୧୦(ଡି.ଏନ୍.ଏ)

**ବିପର୍ଯ୍ୟୟ ପରିଚାଳନାରେ ଭଲ ପ୍ରଦର୍ଶନ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ପ୍ରଶାସନ ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନାରେ ଭଲ ପ୍ରଦର୍ଶନ କରିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ପୁରସ୍କୃତ କରାଯିବା ସହ ସମ୍ମାନ ପ୍ରମାଣପତ୍ର ମିଳିଛି। ଏହି ମାନପତ୍ରକୁ ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର ଏବଂ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଗ୍ରହଣ କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କଠାରୁ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ଶ୍ରେଷ୍ଠ ବ୍ଲକ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିଡିଏମ୍‌ପି) ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରାଯାଇଛି ବୋଲି ବିଡିଓ କହିଛନ୍ତି।



ବିଡିଓ ଗଦାଧର ପାତ୍ର ଓ ଅନ୍ୟମାନେ ମାନପତ୍ର ଗ୍ରହଣ କରୁଛନ୍ତି।

ଏହି ପରିଚାଳନାରେ ସଫଳତା ପାଇଁ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ଜିଲା ବିପର୍ଯ୍ୟୟ ପରିଚାଳନା ଦଳ ସହ ବ୍ଲକସ୍ତରରେ ଅଧିକାରୀମାନଙ୍କୁ ବିଡିଓ ସାଧୁବାଦ ଜଣାଇଛନ୍ତି। ସେମାନଙ୍କ ପାଇଁ ସେ ବିଡିଏମ୍ (ବେଷ୍ଟ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ପ୍ରୋଗ୍ରାମ) କରାଯାଇପାରିଥିବା ବିଡିଓ ନିଜ ପ୍ରତିକ୍ରିୟାରେ କହିଛନ୍ତି। ତେଣୁ ଦାରିଙ୍ଗବାଡ଼ି ବ୍ଲକ ରାଜ୍ୟସ୍ତରରେ ସର୍ବୋତ୍ତମ ବ୍ଲକ ବିପର୍ଯ୍ୟୟ ପରିଚାଳନା ଯୋଜନା ଭାବରେ ମନୋନୀତ ହୋଇପାରିଛି ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଉକ୍ତ ବ୍ଲକ ହାତୀମୁଣ୍ଡା ପଞ୍ଚାୟତ କୁମ୍ଭାରିପଦରରେ ଲଘୁଚାପଜନିତ ବର୍ଷାରେ ଏକାଧିକ ଥର ଗାଁ ନିକଟରେ ରହିଥିବା ପାହାଡ଼ ଭୂସ୍ଖଳନ ହୋଇଥିଲା। ଏଥିରେ ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ନଜରରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ନିକଟସ୍ଥ ତାମାଙ୍ଗି ବିଦ୍ୟାଳୟରେ ଅସ୍ଥାୟୀ ଆଶ୍ରୟସ୍ଥଳି କରାଯାଇ ରଖାଯାଇଥିଲା। ସେହିପରି ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା ସହ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯାଇଥିଲା। ଯେଉଁ ସମୟରେ ବାତ୍ୟା, ଲଘୁଚାପଜନିତ ବର୍ଷା ହୁଏ, ତା' ପୂର୍ବରୁ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି କରାଯାଇ ତାକୁ ମୁକାବିଲା କରିବାରେ ଦାରିଙ୍ଗବାଡ଼ି ବ୍ଲକ ସକ୍ଷମ ହୋଇପାରିଛି। ଏହିସବୁ କାରଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଦାରିଙ୍ଗବାଡ଼ି ବ୍ଲକକୁ ସମ୍ମାନିତ କରିଛନ୍ତି।

# ସମସ୍ୟା ନେଇ ଟ୍ରାକ୍ଟର ମାଲିକଙ୍କ ବିକ୍ଷୋଭ

ପାରଳାଖେମୁଣ୍ଡି,୨୯।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ବାଲିଉଠାଣ ସମୟରେ ହେଉଥିବା ସମସ୍ୟାର ସମାଧାନକୁ ନେଇ ଟ୍ରାକ୍ଟର ମାଲିକମାନେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ କରିଛନ୍ତି। ଶତାଧିକ ମାଲିକ ଓ କର୍ମଚାରୀ, ଜିଲାର ସାତୋଟି ବ୍ଲକ ମଧ୍ୟରୁ ଚାରୋଟି ବ୍ଲକ ବାଲି ପାଇଁ ସମ୍ପୂର୍ଣ୍ଣ ଭାବରେ ବଂଶଧାରା ନଦୀ ଉପରେ ନିର୍ଭର କରିଥାନ୍ତି, କିନ୍ତୁ କିଛି ମାସ ହେଲା ଟ୍ରାକ୍ଟର ମାଧ୍ୟମରେ ବାଲି ଉଠାଣ ନେଇ ସମସ୍ୟା ଦେଖାଦେଇଛି। ବଂଶଧାରା ନଦୀର କାଶୀନଗରଠାରେ ବାଲି ଉଠାଣ ନିମନ୍ତେ ଅନୁମତି ପାଇଥିବା ବ୍ୟବସାୟୀଙ୍କ ମନମୁଖି କାର୍ଯ୍ୟ ସାଙ୍ଗକୁ ବେଆଇନ କାର୍ଯ୍ୟକଳାପ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ଟ୍ରାକ୍ଟର ମାଲିକଙ୍କ ଅଭିଯୋଗ ପ୍ରକାରେ, ଡମ୍ପର ଯୋଗେ ବାଲିଉଠାଣ ସାଙ୍ଗକୁ ଆନ୍ଧ୍ର




ଟ୍ରାକ୍ଟର ମାଲିକମାନେ ବିକ୍ଷୋଭ କରୁଛନ୍ତି।

ଚାଲାଣ କରାଯାଉଥିବା ବେଳେ ସ୍ଥାନୀୟ ଟ୍ରାକ୍ଟରକୁ ଅନୁମତି ନଥିବା କୁହାଯାଉଛି। ଯଦି ଉଠାଇବାର ସୁଯୋଗ ମିଳେ ଡମ୍ପର ପାଇଁ ଯେତିକି ଟିକସ, ଟ୍ରାକ୍ଟର ପାଇଁ ମଧ ସମାନ ଟିକସ ଦେବାକୁ ପଡୁଛି। ଅନ୍ୟପକ୍ଷରେ ଆର ଫର୍ମରେ ଠିକ ତଥ୍ୟ ରଖାଯାଉନାହିଁ ଏବଂ ଟିକସ ଆଦାୟ ବାବଦକୁ ରସିଦ ଦେଉନାହାନ୍ତି। ସମାନ ସ୍ଥାନରୁ ସ୍ଥାନୀୟ ଟ୍ରାକ୍ଟର ଯୋଗେ ବାଲି ଉଠାଣରେ ସୁବିଧା ନ ଥିବାରୁ ଅଧିକ ଚଢ଼ା ଦର ସହିତ ସରକାରୀ ଓ ଘରୋଇ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଫଳରେ ଗାଡିର କର୍ମଚାରୀ ଏବଂ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି। ସମାନ ଭାବରେ ସରକାରୀ ଉନ୍ନୟନ ନିର୍ମାଣ କାର୍ଯ୍ୟରେ ମଧ ବହୁ ବିଳମ୍ବ ଦେଖାଦେଉଛି। ଏଥିସହିତ ବେଆଇନ ଭାବରେ ଅର୍ଥ ଉପାର୍ଜନ କରି ମାଲାମାଲ ହେଉଛନ୍ତି ଗୁଣ୍ଡାଦଳ। ଏ ସମ୍ପର୍କରେ ପ୍ରଶାସନିକ ନିକଟରେ ବାରମ୍ବାର ଅଭିଯୋଗ ପରେ ବି କୌଣସି ସୁଫଳ ନ ମିଳିବାରୁ ତିନି ମାସଧରି କାର୍ଯ୍ୟ ବନ୍ଦ ପରେ ଆଜି ଶୋଭାଯାତ୍ରାରେ ଆସି ଟ୍ରାକ୍ଟର ମାଲିକମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସଂଘ ଆନ୍ଦୋଳନକୁ ବ୍ୟାପକ କରିବାକୁ ଚେତାବନୀ ଦେଇଛି। ତେବେ ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଯୋଗୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଆର.ଉଦୟଗିରିରେ ସାମାଜିକ ଜନଶୁଣାଣି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଆର.ଉଦୟଗିରି,୨୯।୧୦(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ୨୦୨୧ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ସମାଜିକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଗତ ଆର୍ଥିକ ବର୍ଷରେ ସମୁଦାୟ ୬.୦୧, ୫୮୧ କର୍ମଦିବସ ସୃଷ୍ଟି ହୋଇଥିବା ବେଳେ ଏ ବାବଦରେ ୨୩ କୋଟି ୧୧ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଛି। ସେହିଭଳି ସମୁଦାୟ ୮୬୫ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୧୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଏବଂ ୭୫୦ଟି ପ୍ରକଳ୍ପ ଏପର୍ଯ୍ୟନ୍ତ ଚାଲିଥିବା ଜଣାପଡିଛି। ୧, ୨୦୨ ପରିବାର ଶହେ ଦିନ ଲେଖାଏ କାର୍ଯ୍ୟଦିବସ ପୂର୍ଣ୍ଣ କରିଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଏହିକାର୍ଯ୍ୟକ୍ରମରେ ଏସିଡିଓ ଲଳିତ କୁମାର କହଁର, ଜିଲା ସାମାଜିକ ଅଡିଟର୍ ବାବୁଲା ବିଷୋୟୀ, ବ୍ଲକ ଅଧକ୍ଷ ଲକ୍ଷ୍ମିନାରାୟଣ ଶବର, ସିଡିପିଓ ଲଳିତା ପୂଜାରୀ, ସରପଞ୍ଚ, ସମିତିସଭ୍ୟା/ସଭ୍ୟ, ପିଇଓ, ଜିଆରସ, କନିଷ୍ଠ ଯନ୍ତ୍ରୀ, ଜିପିଇଓ, ଭିଆରପି, ବିଏସସଓ, ବନବିଭାଗ, ଉଦ୍ୟାନ ବିଭାଗ ଓ ଆଇଟିଡିଏ ବିଭାଗ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବିଡିଓ ଲରିମନ ଖର୍ସେଲ ପରିଚାଳନା କରିଥିବା ବେଳେ ଏପିଓ ଅକ୍ଷୟ କୁମାର ବିଷୋଇରତ୍ନ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ଜାତୀୟ ପାଠଚକ୍ର, ସ୍ଥାନ- ଏସ୍‌ବିଆର ମହିଳା ମହାବିଦ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା
- ଜଳବାୟୁ ସମ୍ବନ୍ଧୀୟ ପାଠଚକ୍ର, ସ୍ଥାନ-ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ସମୟ-ଅପରାହ୍ନ ୨ଟା ୩୦

**ଭଞ୍ଜନଗର**
- ବିଜେଡିର ପଦଯାତ୍ରା, ସ୍ଥାନ- ଭଞ୍ଜନଗର ଏନ୍‌ଏସି, ସମୟ- ପୂର୍ବାହ୍ନ ୧୦ଟା।
- ଖାଉଟି ସଚେତନତା ସଭା, ସ୍ଥାନ- କୁଲାଡ଼, ସମୟ-ପୂର୍ବାହ୍ନ ୧୧ଟା।

**ଜି. ଉଦୟଗିରି**
- ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ-ସକାଳ ୮ଟା।

**ପାରଳାଖେମୁଣ୍ଡି**
- ୭୧ତମ ଗୋ ସମ୍ବର୍ଦ୍ଧନା ଉତ୍ସବ। ସ୍ଥାନ- ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୮ଟା।

**ଫୁଲବାଣୀ**
- ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ। ସ୍ଥାନ-ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତ ପିସୁପଦର, ସମୟ- ଅପରାହ୍ନ ୨ଟା।

# ଆଜି ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ

**■ ପାରଳା-ବ୍ରହ୍ମପୁରରେ ହେବ ଭୋଟ ଗ୍ରହଣ**

**■ ସନ୍ଧ୍ୟାରେ ଗଣତି, ଫଳାଫଳ ଘୋଷଣା**

ବ୍ରହ୍ମପୁର ଅଫିସ,୨୯।୧୦

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ପରିଚାଳନା ବୋର୍ଡ ନିର୍ଦ୍ଦେଶକ ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ସମୁଦାୟ ୧୫ ଜୋନ ମଧ୍ୟରୁ ପୂର୍ବରୁ ୫ଜୋନରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛି। ଅବଶିଷ୍ଟ ୧୦ ଜୋନ୍ ମଧ୍ୟରୁ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ୩ ଏବଂ ବ୍ରହ୍ମପୁର ସିଟି ହାଇସ୍କୁଲ ପରିସରରେ ଗଞ୍ଜାମ ଜିଲାର ୭ ଜୋନ ପାଇଁ ମତଦାନର ବ୍ୟବସ୍ଥା ହୋଇଛି। ଶନିବାର ସୁଦ୍ଧା ସିଟି ହାଇସ୍କୁଲରେ ୭ ବୁଥ୍ ପ୍ରସ୍ତୁତ କରାଯାଇଛି।

ସୂଚନାନୁସାରେ, ରବିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ପାରଳାଖେମୁଣ୍ଡି ଓ ବ୍ରହ୍ମପୁରରେ ସମ୍ପୃକ୍ତ ଭୋଟରମାନେ ନିଜ ମତ ସାବ୍ୟସ୍ତ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଟି ସ୍ଥାନରୁ ଭୋଟ ବାକ୍ସଗୁଡ଼ିକ ବିସିସି ବ୍ୟାଙ୍କ ବ୍ରହ୍ମପୁରସ୍ଥ ମୁଖ୍ୟାଳୟକୁ ଅଣାଯିବ। ସନ୍ଧ୍ୟା ପୂର୍ବରୁ ସମ୍ମିଳନୀ କକ୍ଷରେ ଭୋଟ ଗଣତି ଆରମ୍ଭ ହେବ ଏବଂ ସରିବା ପରେ ୧୦ଟି ଯାକ ଜୋନ୍‌ର ଫଳାଫଳ ଘୋଷଣା କରାଯିବ। ନିର୍ବାଚିତ ନିର୍ଦ୍ଦେଶକଙ୍କୁ ଆନୁଷ୍ଠାନିକ ଭାବେ ନିର୍ବାଚନ ଅଧିକାରୀ ତଥା ସରକାରଙ୍କ ସମବାୟ ବିଭାଗର ସହକାରୀ ନିବନ୍ଧକ (ଏଆରସିଏସ୍) ସାର୍ଟିଫିକେଟ ପ୍ରଦାନ କରିବେ।

ଚଳିତ ବର୍ଷର ସମବାୟ ନିର୍ବାଚନ ରୋଚକ ହୋଇଛି। ଶାସକ ଦଳର ମନୋନୀତ ପ୍ରାର୍ଥୀଙ୍କୁ ବିଦ୍ରୋହୀ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ବିସିସି ବ୍ୟାଙ୍କର ୧୦ ଜୋନ୍‌ରେ ୨୫ ଜଣ ନିର୍ବାଚନ ଲଢୁଛନ୍ତି। ସମସ୍ତେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବାରୁ ସେମାନଙ୍କୁ ବିଭିନ୍ନ ଚିହ୍ନ ମିଳିଛି। ଗଞ୍ଜାମର କୁକୁଡ଼ାଖଣ୍ଡି ୧୧ନଂ. ଜୋନ୍‌ରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଛି। ସେହିପରି ଖଲ୍ଲିକୋଟ ୧ନଂ ଜୋନ୍‌ରେ ମଧ୍ୟ ତ୍ରିମୁଖୀ ଲଢ଼େଇ ଯୋଗୁ ସମାନ ଅବସ୍ଥା ହୋଇଛି। ଅପରପକ୍ଷରେ ବ୍ରହ୍ମପୁର ସହରାଞ୍ଚଳ ଓ ରଙ୍ଗେଇଲୁଣ୍ଡା ବ୍ଲକର କେତେକ ଅଞ୍ଚଳକୁ ନେଇ ଗଠିତ ୬ନଂ. ଜୋନ୍‌ରେ ମଧ୍ୟ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ୨ ମହିଳା ଓ ଜଣେ ପୁରୁଷ ଅଛନ୍ତି। ସମସ୍ତେ ଶାସକ ଦଳ ସମର୍ଥିତ ବୋଲି କୁହାଯାଉଛି। ତେଣୁ ବିଜେଡି ସମର୍ଥକ ତଥା ଦଳର ମନୋନୀତଙ୍କ ସହ ବିଦ୍ରୋହୀ ମୁକାବିଲା କରୁଥିବା ସ୍ପଷ୍ଟ ହୋଇଛି।

# କଳିଙ୍ଗ ସାହିତ୍ୟ ସମାଜର ସାରସ୍ୱତ ସମାରୋହ

**ସଦାନନ୍ଦ ତ୍ରିପାଠୀଙ୍କୁ ଉମେଶ ଚରଣ ପାଢ଼ୀ ସ୍ମୃତି ସମ୍ମାନ**

ବ୍ରହ୍ମପୁର ଅଫିସ,୨୯।୧୦

ଆଧୁନିକ ଓଡ଼ିଆ କଥା ସାହିତ୍ୟକୁ ଯେଉଁ କେତେଜଣ ବରେଣ୍ୟ ସ୍ରଷ୍ଟା ସ୍ୱକୀୟ କଳା କୁଶଳତାରେ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରେ କଥାଶିଳ୍ପୀ ସ୍ୱର୍ଗତ ଉମେଶ ଚରଣ ପାଢ଼ୀଙ୍କ ସ୍ଥାନ ଉଲ୍ଲେଖନୀୟ ବୋଲି ବିଶିଷ୍ଟ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ସାରସ୍ୱତ ସମାରୋହରେ ଗାଳ୍ପିକ ତ୍ରିପାଠୀ ଯୋଗଦେଇ ଉମେଶଙ୍କ ରଚିତ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ମଣିଷ ଜୀବନର ସହଜ ସ୍ୱାଭାବିକ ଉପଲବ୍ଧି ବୋଲି କହିଥିଲେ। ଶଶିଭୂଷଣ ରଥ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କାହ୍ନୁଚରଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ
ଦେଇ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନାରେ ରୁଚି ରଖୁଥିବା ଉମେଶ ଚରଣ ପାଢ଼ୀଙ୍କର



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ଜ୍ୟୋତିଷ ଶାସ୍ତ୍ରରେ ବିଶେଷ ଜ୍ଞାନ ଥିଲା ବୋଲି କହିଥିଲେ। କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତି ସମାରୋହରେ ସଦାନନ୍ଦ ତ୍ରିପାଠୀଙ୍କୁ କଥାଶିଳ୍ପୀ ଉମେଶ ଚରଣ ପାଢ଼ୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ହୃଷୀକେଶ ପଣ୍ଡା ପ୍ରାକ୍-ସୂଚନା ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସାହିତ୍ୟ ସମାଜର ସାଂସ୍କୃତିକ ସମ୍ପାଦକ ଡ. ମନୋରଞ୍ଜନ ବିଷୋୟୀ ପ୍ରଶସ୍ତିପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବନମାଳୀ ପାଣିଗ୍ରାହୀ, ଅନୁପ କୁମାର ମିଶ୍ର, ଡ. କୁଳମଣି ଓଝା, ଦୀନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ତମାଖୁ ବିକ୍ରି ଦୋକାନରେ ଚଢ଼ାଉ

**୫୬ ଦୋକାନରୁ ଜରିମାନା ଆଦାୟ**

ବ୍ରହ୍ମପୁର ଅଫିସ,୨୯।୧୦

ବ୍ରହ୍ମପୁର ମହାନଗର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ ତମାଖୁ ଓ ଧୂମପାନର ବହୁଳ ଭାବେ ବିକ୍ରି ହେଉଛି। ଜିଲାରେ କୋଟପା ଆଇନ କଡ଼ାକଡ଼ି କରିବା ପାଇଁ ପ୍ରତି ବର୍ଷ ଏଗୁଡ଼ିକ ବିକ୍ରି ହେଉଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କ୍ୱାଡ଼ ଗଠନ କରାଯାଇଛି। ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ସୁରକ୍ଷା ଅଧିକାରୀ, ପୋଲିସ, ଅବକାରୀ ବିଭାଗ କର୍ମଚାରୀ ଓ ଡ୍ରଗ୍ସ ଇନ୍ସପେକ୍ଟର ସାମିଲ ରହିଛନ୍ତି। ଅକ୍ଟୋବର ୨୧ରେ ବ୍ରହ୍ମପୁର ମହାନଗର ନିଗମର ୧୩ଟି ଦୋକାନରେ ତମାଖୁ ଓ ଧୂମପାନ ବିକ୍ରି ହେଉଥିବା ଅଭିଯୋଗରେ ଏହି ଟିମ୍ ଚଢ଼ଉ କରିଥିଲା। ସେମାନଙ୍କଠାରୁ ୮୩୩୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଗତ ୨୨ ତାରିଖରେ ରଙ୍ଗେଇଲୁଣ୍ଡା ବ୍ଲକରେ ତମାଖୁ ଓ ଧୂମପାନ ବିକ୍ରି କରୁଥିବା ୧୬ ଦୋକାନରେ ଚଢ଼ାଉ କରି ୭୯୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୨୭ ତାରିଖରେ ଖଲ୍ଲିକୋଟ ବ୍ଲକର ୨୭ ଦୋକାନରୁ ୩୨୩୦ ଟଙ୍କା ଆଦାୟ କରାଯାଇଥିଲା। ମୋଟ ୫୬ଟି ଦୋକାନରେ ଚଢ଼ାଉ କରାଯାଇ ୧୯୫୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଳିତ ମାସ ପାଇଁ ତମାଖୁ ଓ ଧୂମପାନ ବିକ୍ରି କରାଯାଉଥିବା ଜିଲାର କେବଳ ଦୁଇଟି ବ୍ଲକ ଓ ବିଏମ୍‌ସିରେ ଚଢ଼ାଉ କରାଯାଇଛି। ଏହି ଟିମ୍ ଗତ ୫ ମାସରେ ୧୮ଟି ସ୍ଥାନରୁ ୪୬୪ ବ୍ୟବସାୟୀଙ୍କଠାରୁ ୧ଲକ୍ଷ ୮ହଜାର ୧୧୦ ଟଙ୍କା ଜରିମାନା ଆଦାୟ କରିଛି। ଏହା ଜିଲାର ଅନ୍ୟ ବ୍ଲକଗୁଡିକରେ କରାଯିବ ବୋଲି ସିଡିଏମ୍‌ଓ ମିଶ୍ର ସୂଚନା ଦେଇଛନ୍ତି। ତମାଖୁ ଓ ଧୂମପାନ ବିକ୍ରି କରୁଥିବା ଦୋକାନରେ ଚଢ଼ାଉ କରାଯିବା ସହ ଲୋକମାନଙ୍କୁ ତମାଖୁ ଓ ଧୂମପାନ ବର୍ଜନ ପାଇଁ ସଚେତନ କରାଯାଉଛି ବୋଲି ସିଡିଏମ୍‌ଓ ମିଶ୍ର କହିଛନ୍ତି।

# ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ

**ଅଭିଯୁକ୍ତ କୋର୍ଟ ଚାଲାଣ**

ବ୍ରହ୍ମପୁର ଅଫିସ,୨୯।୧୦: ଏକ ଘରୋଇ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ବ୍ରହ୍ମପୁର ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ବାଇଗଣବାଡ଼ି ଗ୍ରାମର ଜିତେନ୍ଦ୍ର ପାତ୍ର(୪୩)। ଘଟଣା ବେଳେ ବ୍ୟବହୃତ ମାରଣାସ୍ତ୍ର ତାଙ୍କ ନିକଟରୁ ପୋଲିସ ଜବତ କରିଛି। ମାମଲା ନମ୍ବର ୫୦୯/୨୨ରେ ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବ୍ରହ୍ମପୁରରେ ଥିବା ଭାରତ ଫାଇନାନ୍ସ କମ୍ପାନୀର ଶାଖାରେ ନୟାଗଡର ବଳଭଦ୍ର ମହାରଣା କ୍ଷେତ୍ର ସହାୟକ ଭାବେ କାମ କରନ୍ତି। ବାଇଗଣବାଡ଼ି ଗ୍ରାମର କେତେକ ମହିଳା ଉକ୍ତ ସଂସ୍ଥାରୁ ଗ୍ରୁପ୍ ଲୋନ ନେଇଥିଲେ। ସେମାନଙ୍କ ଭିତରେ ଜଣେ ସଭ୍ୟା ମାମି ପାତ୍ର ମଧ୍ୟ କିଛି ଟଙ୍କା ଲୋନ ନେଇଥିବା ବେଳେ ନିର୍ଦ୍ଧାରିତ ସମୟରେ ସେ ଟଙ୍କା ସଂସ୍ଥାରେ ଜମା କରି ନ ଥିଲେ। ଏଣୁ ଗତ ୨୭ ତାରିଖରେ ସଂସ୍ଥା କର୍ମଚାରୀ ବଳଭଦ୍ର ମହାରଣା ଉକ୍ତ ଗ୍ରାମକୁ ଋଣ ସଂଗ୍ରହ ପାଇଁ ଯାଇଥିଲେ। ସେ ମାମିଙ୍କ ଘରକୁ ଯାଇ ଲୋନ ଟଙ୍କା ପୈଠ କରିବାକୁ କହିଥିଲେ। ହେଲେ ତାଙ୍କ ସ୍ୱାମୀ ଜିତେନ୍ଦ୍ର ପାତ୍ର ହଠାତ ରାଗି ଯାଇ ଏକ ଧାରୁଆ ଅସ୍ତ୍ରରେ ବଳଭଦ୍ରଙ୍କ ପେଟ ଓ ଛାତିକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବଳିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବଳଭଦ୍ର ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗଜପତିରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ଭୁବନେଶ୍ୱର ଚାଲାଣ

**୧୦୦ କେଜି ଗଞ୍ଜେଇ ସହ ୪ ଯୁବକ ଗିରଫ**


ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ ବୋଲେରୋ ।

ବ୍ରହ୍ମପୁର ଅଫିସ,୨୯।୧୦

ଅବକାରୀ ଗୋଇନ୍ଦା ଟିମ୍ ଶନିବାର ଅପରାହ୍ନ ୩ଟାରେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଲିପଡ଼ା ଛକରୁ ଏକ ଗଞ୍ଜେଇ ଭର୍ତ୍ତି ଗାଡି ଜବତ କରିଛି। ଚାଲାଣକାରୀଙ୍କ ସମେତ ୪ଜଣଙ୍କୁ ଅବକାରୀ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ମୋହନା ଥାନା ଦନ୍ତାରିନାଳ ଗ୍ରାମର ଦାଶରଥି ଗମାଙ୍ଗୋ(୪୨), ଏରୋଷ ଶବର (୨୨), ଜୟଦେବ ଜାନୀ (୨୧) ଓ ସାମୁଏଲ ଶବର(୩୪)।

ପ୍ରକାଶ ଯେ, ଗଜପତିରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ଭୁବନେଶ୍ୱର ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଅଶୋକ କୁମାର ଶତପଥୀ ଶୁକ୍ରବାର ରାତିରେ ଖବର ପାଇଥିଲେ। ଏହାକୁ ଆଧାର କରି ତାଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଶୁକ୍ରବାର ମଧ୍ୟରାତ୍ରିରେ ବାଲିପଡ଼ା ଛକରେ ଛକି ରହିଥିଲା। ଶନିବାର ଅପରାହ୍ନରେ ଏକ ଧଳା ରଙ୍ଗର ବୋଲେରୋ (ନଂ ଓଡ଼ି ୦୭ ଭି-୬୦୮୦) ବାଲିପଡ଼ା ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଅବକାରୀ ଟିମ୍ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଯାଞ୍ଚ ବେଳେ ଗାଡ଼ିରୁ ୧୦୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେମାନେ ଏହି ଗଞ୍ଜେଇ ଗଜପତିରୁ ଆଣି ବ୍ରହ୍ମପୁର ଦେଇ ଭୁବନେଶ୍ୱର ଯାଇଥାନ୍ତେ ଏବଂ ସେଠାରୁ ବାହାର ରାଜ୍ୟକୁ ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ ଅବକାରୀ ଟିମ ଜାଣିବାକୁ ପାଇଛି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କୁବେର ସେଠୀ, ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏଏସ୍‌ଆଇ ବ୍ରଜ ବିହାରୀ ନାୟକ, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ସାମିଲ ଥିଲେ।




**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**bmpselfie@gmail.com**


@ ସୁଶାନ୍ତ


@ ଗୋପାଳ


@ ସାଇଶ୍ରୀ

**ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।**

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଗୋପାଳପୁର,୨୯।୧୦(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅଧୀନ ରାଳବ ଗ୍ରାମରେ ଶନିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଜଖକ ହେଲେ ଏମ୍.ଚିରଞ୍ଜୀବୀ ପାତ୍ର। ଖବର ଅନୁସାରେ ଏହି ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ଚିରଞ୍ଜୀବୀଙ୍କ ଗୋଷ୍ଠୀ ସହ ଗ୍ରାମର ଅନ୍ୟ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବ ଶତ୍ରୁତାରୁ ମୁହାଁମୁହିଁ ହେବା ସହ ଛକାପଞ୍ଝା ଲାଗି ରହିଥିଲା। ଶନିବାର ପୂର୍ବାହ୍ନରେ ଚିରଞ୍ଜୀବୀ ଗ୍ରାମ ପୋଖରୀରେ ଗାଧୋଉଥିବା ବେଳେ ବିପରୀତ ଗୋଷ୍ଠୀର ଚାରିରୁ ପାଞ୍ଚ ଜଣ ଖଣ୍ଡା ଓ ଠେଙ୍ଗାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେଥିରେ ସେ ରକ୍ତାକ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ। ଆହତ ଚିରଞ୍ଜୀବୀଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଆକ୍ରମଣକାରୀମାନେ କିଛି ସମୟ ପରେ ତାଙ୍କ ଘର ଉପରକୁ ତିନୋଟି ବୋମା ଫିଙ୍ଗିଥିଲେ। କିଛି ସମୟ ପାଇଁ ସେଠାରେ ଆତଙ୍କ ଖେଳାଇ ଚମ୍ପଟ ମାରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚିଥିଲା। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଗଠିତ ହୋଇଛି। ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ବୋଲି ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

# ମାସକ ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବିନା କାରଣରେ ଅଧ୍ୟାପକଙ୍କ ଦରମା ବନ୍ଦ ମାମଲା**

କଟକ ଅଫିସ,୨୯।୧୦

ଗଞ୍ଜାମ ଜିଲା ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ସୋମନାଥ ରାଉତଙ୍କ ଦରମା ବିନା କାରଣରେ ବନ୍ଦକୁ ନେଇ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ହୋଇଛି। ବିଚାରପତି ଡ. ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ଆସନ୍ତା ଏକ ମାସ ମଧ୍ୟରେ ଅଧ୍ୟାପକଙ୍କ ଅଭିଯୋଗର ଫଏସଲା କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାଇକୋର୍ଟରେ ମାମଲାର ଅନ୍ତ ଘଟିଛି।

ମାମଲାର ବିବରଣୀରୁ ପ୍ରକାଶ, ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ୨୦୧୩ଠାରୁ ସୋମନାଥ ଅଧ୍ୟାପକ ଭାବେ ନିଯୁକ୍ତି ପାଇ ନ୍ୟସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ସେ ଭାସ୍କର୍ଯ୍ୟ କଳା ବିଭାଗର ଏକମାତ୍ର ଅଧ୍ୟାପକ ଭାବେ ଶିକ୍ଷାଦାନ କରିବା ସହ ଛାତ୍ରୀନିବାସ ଓ ଛାତ୍ରାବାସ ଅଧୀକ୍ଷକ ଦାୟିତ୍ୱ ଏବଂ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି। କୌଣସି କାରଣ ନ ଥାଇ କିମ୍ବା ସୂଚନା ନ ଦେଇ ଗତ ମାର୍ଚ୍ଚରୁ ତାଙ୍କ ଦରମା ବନ୍ଦ କରିଦିଆଯାଇଛି। ସେଥିପାଇଁ ବୃଦ୍ଧା ମାଆଙ୍କ ଚିକିତ୍ସା, ରୋଗଣା ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ଭରଣପୋଷଣ କଷ୍ଟକର ହୋଇପଡ଼ିଛି। ଏ ବାବଦରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ସୁଫଳ ମିଳି ନ ଥିଲା। ପରେ ସେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପତ୍ର ମାଧ୍ୟମରେ ଏ ବାବଦରେ ଜଣାଇ ଦରମା ପାଇବା ନିମନ୍ତେ ନିବେଦନ କରିଥିଲେ। ହେଲେ ଏହାସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ସୋମନାଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ କୁମାର ଦାଶ ଓ ସୌମ୍ୟକାନ୍ତ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ଜାତୀୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ସ୍ନେହାଙ୍କୁ ରୌପ୍ୟ

ବ୍ରହ୍ମପୁର ଅଫିସ,୨୯।୧୦

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗାଜିଆବାଦଠାରେ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଯୁବ,କନିଷ୍ଠ ଓ ବରିଷ୍ଠ ବର୍ଗର ଭାରୋତ୍ତୋଳନ ପ୍ରତିଯୋଗୀତା ଅନୁଷ୍ଠିତ ହେଉଛି। ଏଥିରେ ୪୯କେଜି ବରିଷ୍ଠ ମହିଳା ବର୍ଗରେ ଜିଲାର ସ୍ନେହା ସୋରେନ ଜାତୀୟସ୍ତରରେ ରୌପ୍ୟ ପଦକ ହାସଲ କରିଛନ୍ତି। ସ୍ନେହା ନିଜ ବର୍ଗରେ ସ୍ନାଚରେ-୭୨ କେଜି ଓ କ୍ଲିନ ଆଣ୍ଡ ଜର୍କରେ ୯୫ ମୋଟ ୧୬୭ କେଜି ଭାରୋତ୍ତୋଳନ କରିଥିଲେ। ଜାତୀୟସ୍ତରରେ ଏହି ସଫଳତା ପାଇବା ପରେ ବୀର ହନୁମାନ କ୍ଲବ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।


ପ୍ରତିଯୋଗିତାରେ ରୌପ୍ୟ ବିଜୟୀ ସ୍ନେହା।

# ଏମ୍‌କେସିଜିରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୯।୧୦

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବିଚାରାଧୀନ ବନ୍ଦୀ(ୟୁଟିପି)ଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ପୁରୁଣା ଭଦ୍ରକପଲିର ବୁଲୁ ପ୍ରଧାନ(୩୫)। ବୈଦ୍ୟନାଥପୁର ଥାନା ପୋଲିସ ବୁଲୁଙ୍କ ମୃତଦେହ ଜବତ କରିଛି। ମୃତ ବୁଲୁଙ୍କ ପରିବାର ସଦସ୍ୟ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରିଛି। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ପ୍ରକାଶ ଯେ, ବୁଲୁ ବିବାହ କରିବା ପରେ ତାଙ୍କ ଶ୍ୱଶୁରଘର ବାଣପୁର ଥାନା ଅନ୍ତର୍ଗତ ଆମ୍ବତୋଟା ଗ୍ରାମରେ ରହୁଥିଲେ। ସେଠାରେ ୨୦୧୫ରେ ଏକ ହତ୍ୟା ମାମଲାରେ ତାଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ବାଣପୁର ଉପକାରାଗାରକୁ ପଠାଇ ଦେଇଥିଲା। ସେଠାରେ ବୁଲୁ ୟୁଟିପି ଭାବେ ରହିଥିଲେ। ଗତ ୨୭ ତାରିଖରେ ତାଙ୍କ ରକ୍ତଚାପ କମି ଯାଇଥିଲା। ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ସେଠାକାର ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏମ୍‌କେସିଜି ମେଡିସିନ ୱାର୍ଡରେ ବୁଲୁ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ ବୋଲି ବାଣପୁର ଉପ କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଜଗତ ବିହାରୀ ରାଉତରାୟ କହିଛନ୍ତି।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପାଠଚକ୍ର


ଓଡ଼ିଆ ବିଭାଗ ପକ୍ଷରୁ ଆୟୋଜିତ ପାଠଚକ୍ରରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର ଅଫିସ,୨୯।୧୦

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଶନିବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପେନ୍ଦ୍ର ଭଞ୍ଜ ଶୀର୍ଷକ ଆଲୋଚନା ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ବିଦ୍ୟୁତ୍ ପ୍ରଭା ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ବାଉରୀ ବନ୍ଧୁ ସାହୁ ଯୋଗ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ସାହୁ ଏହି ପାଠଚକ୍ରରେ ଓଡ଼ିଆ ସାହିତ୍ୟକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ଼. ଉଷାରାଣୀ ରଥ, ଡ.ବସନ୍ତ କୁମାର ସେଠୀଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

